# ତୁଳସୀ ମାହାତ୍ମ୍ୟ ଓ ଜଗଦ୍ଧାତ୍ରୀ ପୂଜା

ପଣ୍ଡିତ ରାମକୃଷ୍ଣ ମିଶ୍ର

ଦୈତ୍ୟରାଜ ଜଳନ୍ଧରଙ୍କ ପତ୍ନୀ ବୃନ୍ଦାବତୀ ମହାସତୀ ଥିଲେ । ଜଳନ୍ଧର ବ୍ରହ୍ମାଙ୍କଠାରୁ ବର ଲାଭ କରି ତ୍ରିପୁର ବିଜୟ କଲା ଓ ଦେବତାମାନଙ୍କୁ ଅନେକ କଷ୍ଟ ଦେଲା । ସେ ନାରଦଙ୍କଠାରୁ ମା’ ଦୁର୍ଗାଦେବୀଙ୍କ ସୌନ୍ଦର୍ଯ୍ୟ ବିଷୟରେ ଶୁଣି ତାଙ୍କୁ ପ୍ରାପ୍ତି ଆଶା କରି ଶିବଙ୍କ ପାଖକୁ ଦୂତ ପ୍ରେରଣ କଲା । ଫଳରେ ଶିବଙ୍କ ସହିତ ଯୁଦ୍ଧ କରି ପରାସ୍ତ ହେଲା । ମାତ୍ର ବୃନ୍ଦାବତୀଙ୍କ ସତୀତ୍ୱ ଫଳରେ ତାହାର ମୃତ୍ୟୁ ହେଲା ନାହିଁ । ସାଗର ସୁତ ଜଳନ୍ଧର ନିଜର ଭଉଣୀ ଲକ୍ଷ୍ମୀ ଓ ନାରାୟଣଙ୍କୁ ନିଜ ଘରେ ରଖିବାରୁ ଦେବତାମାନେ ନାରାୟଣ ଦର୍ଶନ ପାଇ ପାରିଲେ ନାହିଁ ।



ଜଳନ୍ଧର ଯୁଦ୍ଧରେ ହାରି ଶିବଙ୍କ ଅନୁପସ୍ଥିତିରେ ଶିବରୂପ ଧାରଣ କରି ଦୁର୍ଗାଙ୍କୁ ଅପହରଣ କରିବାକୁ ଆସିଲା । କିନ୍ତୁ ମା’ଙ୍କ ରୂପ ଦର୍ଶନ କରି ତାଙ୍କ ତେଜରେ ସଂଜ୍ଞାହୀନ ହୋଇ ବୃଷଭ ଉପରୁ ପତିତ ହେଲା ଏବଂ ପଳାୟନ କଲା । ଜଳନ୍ଧରର ମୃତ୍ୟୁ ପାଇଁ ଦେବଗଣ ନାରାୟଣଙ୍କୁ ପ୍ରାର୍ଥନା କଲେ । ଜଳନ୍ଧର ପୂର୍ବରୁ ମାୟା ଶିବ ରୂପ ଧାରଣ କରିଥିବାରୁ ନାରାୟଣ ମାୟା ଜଳନ୍ଧର ରୂପ ଧାରଣ କରି ଜଳନ୍ଧରର ବଧ ପାଇଁ ବୃନ୍ଦାବତୀର ସତୀତ୍ୱ ହରଣ କଲେ । ଫଳରେ ଯୁଦ୍ଧରେ ଜଳନ୍ଧରର ମୃତ୍ୟୁ ହେଲା । ନାରାୟଣ ବୃନ୍ଦାବତୀଙ୍କୁ ଧରି ସ୍ୱରୂପ ପ୍ରକାଶ କରିବାରୁ ବୃନ୍ଦାବତୀ ତାଙ୍କର ସତୀତ୍ୱ ହରଣ ଜାଣି ନାରାୟଣଙ୍କୁ ଅଭିଶାପ ଦେଲେ ଓ ଅଗ୍ନିରେ ଝାସ ଦେଇ ପ୍ରାଣତ୍ୟାଗ କଲେ । ବୃନ୍ଦାବତୀଙ୍କ ସତୀତ୍ୱ ପ୍ରଭାବରେ ବିଷ୍ଣୁ ଅଚଳ ହୋଇଗଲେ ଏବଂ ଅସହ୍ୟ ଶାରୀରିକ ଓ ମାନସିକ ଯନ୍ତ୍ରଣା ଅନୁଭବ କଲେ । ଦେବଗଣଙ୍କ ସ୍ତୁତିରେ ଯୋଗମାୟା ବୃନ୍ଦାବତୀଙ୍କ ଆତ୍ମାକୁ ଉଦ୍ଧାର କଲେ । ବୃନ୍ଦାବତୀଙ୍କ ଆତ୍ମା ତ୍ରିଗୁଣ ରୂପ ଧାରଣ କଲା । ସତ୍ତ୍ୱଗୁଣ ଗୌରୀଙ୍କ (ଦୁର୍ଗାଙ୍କ) ଶରୀରରେ, ରଜଗୁଣ ଶାରଦାଙ୍କ (ସରସ୍ୱତୀଙ୍କ) ଅଙ୍ଗରେ ଓ ତମ ଗୁଣ ଲକ୍ଷ୍ମୀଙ୍କ ଶରୀରରେ ମିଳିତ ହେଲା । ବୃନ୍ଦାବତୀଙ୍କ ତ୍ରିଗୁଣରୁ ଯୋଗମାୟା ତ୍ରିବୀଜର ଉତ୍ପନ୍ନ କରି ବିଷ୍ଣୁଙ୍କ ପାଖରେ ବୁଣିଲେ । ଏଥିରୁ ତୁଳସୀ, ଅଁଳା ଓ ମାଳତୀ ନାମକ ତିନି ପବିତ୍ର ବୃକ୍ଷର ସୃଷ୍ଟି ହେଲା । ବିଷ୍ଣୁ ଏହାଙ୍କ ବାସରେ ସଂଜ୍ଞା ପ୍ରାପ୍ତ ହୋଇ ପ୍ରସନ୍ନ ହେଲେ ।

କେତେକ ଭକ୍ତ ପ୍ରଶ୍ନ କରନ୍ତି ଯେ, ବୃନ୍ଦାବତୀ ବିଧବା, ତାଙ୍କୁ ଶାଢୀ, ଶଙ୍ଖା କିପରି ଲାଗି ହେଉଛି । ଏହା ଏକ ଭ୍ରମ ଧାରଣା । ବୃନ୍ଦାବତୀ ବିଧବା ନୁହନ୍ତି । ଯୁଦ୍ଧରେ ଜଳନ୍ଧର ବଧ ହେବା ପୂର୍ବରୁ ବୃନ୍ଦାବତୀଙ୍କ ସତୀତ୍ୱ ହରଣ ହେବାରୁ ଜଳନ୍ଧର ବଧ ହେଲା । ଯୁଦ୍ଧରେ ଜଳନ୍ଧରର ବଧ ପୂର୍ବରୁ ବୃନ୍ଦାବତୀ ଅଗ୍ନିରେ ଝାସ ଦେଇ ପ୍ରାଣତ୍ୟାଗ କରିଥିଲେ । ତେଣୁ ବୃନ୍ଦାବତୀ ବିଧବା ନୁହନ୍ତି । ଏହା କାର୍ତ୍ତିକ ମାହାତ୍ମ୍ୟର ବିଷୟ ।

ସତ୍ତ୍ୱ ଗୁଣରୁ ତୁଳସୀ ଉତ୍ପନ୍ନ ହୋଇ ଅତୀବ ପବିତ୍ର ବୃକ୍ଷ ରୂପେ ଜଗତରେ ପୂଜା ପାଇଲେ ଏବଂ ଅତି ପ୍ରିୟ ହୋଇ ଦୈନିକ ବିଷ୍ଣୁଙ୍କ ପୂଜାରେ ଲାଗି ହେଲେ । ବିଷ୍ଣୁପ୍ରିୟା ତୁଳସୀ

ସର୍ବରୋଗହରା । ଏଥିରେ ବହୁ ଔଷଧୀୟ ଗୁଣ ରହିଥିବାରୁ ଆୟୁର୍ବେଦୀୟ ଚିକିତ୍ସାରେ ଏହା ବହୁ ଭାବରେ ବ୍ୟବହୃତ ହୋଇଥାଏ । ଏଥିରେ ଧାର୍ମିକ ମହତ୍ତ୍ୱ ରହିଛି । ଭଗବାନ ଶାଳଗ୍ରାମ ନାରାୟଣ ସ୍ୱରୂପ ଅଟନ୍ତି । ତୁଳସୀ ବିନା ତାଙ୍କର କୌଣସି ପୂଜା ସମ୍ପନ୍ନ ହୋଇପାରିବ ନାହିଁ । ନୈବେଦ୍ୟ ଆଦି ଅର୍ପଣ ସମୟରେ ମନ୍ତ୍ରୋଚ୍ଚାରଣ ଓ ଘଣ୍ଟାନାଦ ସହିତ ତୁଳସୀ ଜଳ ସମର୍ପଣ ହିଁ ଉପାସନାର ମୁଖ୍ୟ ଅଙ୍ଗ ବୋଲି ଗଣନା କରାଯାଏ ।

ମୂଳେ ତୋର ଗଙ୍ଗା ଡ଼ାଳେ ତୋର ବିଷ୍ଣୁ
ପତ୍ରେ ଦେବତାଙ୍କ ବାସ
ତୋ ପତ୍ର ପଡ଼ିଲେ ମଣୋହି ହୁଅଇ
କହଇ ଗୋଲଖ ଦାସ ।

ମନୁଷ୍ୟର ମୃତ୍ୟୁ ସମୟରେ ମୁଖରେ ତୁଳସୀ ଜଳ ଦିଆଯାଏ । ଦାହ ସମୟରେ ତୁଳସୀ କାଠ ଜୁଇରେ ପକାଯାଏ । ତୁଳସୀ ମାଳାକୁ ଭକ୍ତମାନେ ବିଶେଷରେ ବୈଷ୍ଣବମାନେ ଗଳାରେ ଧାରଣ କରିଥାନ୍ତି । ତୁଳସୀଙ୍କୁ ବର୍ଷ ସାରା ପୂଜା କରାଯାଏ, କିନ୍ତୁ କାର୍ତ୍ତିକ ମାସରେ ଏହାର ମହତ୍ତ୍ୱ ବ୍ରତୀମାନଙ୍କ ପାଇଁ ସ୍ୱତନ୍ତ୍ର ରହିଥାଏ । ଦେବଦେବୀମାନଙ୍କୁ ଦେୟ ବିଭିନ୍ନ ପୁଷ୍ପ, ପତ୍ର ଆଦି ନଖ ନଲଗାଇ ଟିପରେ ଚୟନ କରିବାର ବିଧି ରହିଛି, ବିଶେଷରେ ତୁଳସୀ ଓ ବେଲପତ୍ର । ତୁଳସୀଙ୍କୁ ସାତଦିନ ଓ ବେଲପତ୍ରଙ୍କୁ ତିନି ଦିନ ରଖି ଲାଗିକଲେ ଏହା ମାରା ହୋଇନଥାଏ । ସଂକ୍ରାନ୍ତି, ଅମାବାସ୍ୟା, ଦ୍ୱାଦଶୀ ତିଥି, ସନ୍ଧ୍ୟା ଓ ରାତ୍ରରେ ତୁଳସୀ ଚୟନ ଶାସ୍ତ୍ରରେ ନିଷେଧ ରହିଛି । ଗଣେଶଙ୍କୁ ତୁଳସୀ ଦେବା ନିଷେଧ ।

ରଜଗୁଣରୁ ଧାତ୍ରୀ ଓ ତମ ଗୁଣରୁ ମାଳତୀ ବୃକ୍ଷର ଉତ୍ପନ୍ନ ହୋଇଅଛି । ଅଁଳା ପବିତ୍ର ବୃକ୍ଷ ରୂପେ ପୂଜା ପାଇଲେ ଓ ଅତିପ୍ରିୟ ହୋଇ ଦୈନିକ ବିଷ୍ଣୁଙ୍କ ସେବାରେ ଡାଳ ପତ୍ର ବ୍ୟବହାର ହେଲେ । କାର୍ତ୍ତିକ ଶୁକ୍ଳ ନବମୀ ତିଥିକୁ ପବିତ୍ର ଅଁଳା ନବମୀ କୁହାଯାଏ । ବିଶେଷରେ ଏହି ଦିନ ଅଁଳା ଡ଼ାଳପତ୍ର ବିଷ୍ଣୁଙ୍କୁ ଲାଗିହୁଏ । ଏହିଦିନ ଅଁଳା ବୃକ୍ଷ ଜଗଦ୍ଧାତ୍ରୀ (ଦୁର୍ଗା) ରୂପେ ସର୍ବତ୍ର ପୂଜା ପାଆନ୍ତି । କିନ୍ତୁ ମାଳତୀ ତମଗୁଣୀ ହେତୁ ବିଷ୍ଣୁ ତାହାକୁ ଅରଣ୍ୟରେ ତ୍ୟାଗ କଲେ । ଏହା କେବଳ ବିଷ୍ଣୁଙ୍କ ଶୟନ କାଳରେ ରାତ୍ରିରେ ଲାଗି ହୁଏ । ଶ୍ରୀଜଗନ୍ନାଥଙ୍କ ବଡ଼ସିଂହାର ବେଶରେ ରାତ୍ରିରେ ମାଳତୀ ଲାଗି ହୁଏ ।

ଏ.ଏଲ–୫୩
ବୀର ସୁରେନ୍ଦ୍ର ସାଏ ନଗର
ଭୁବନେଶ୍ୱର

# ମୋ ଦେଶ

ଇଂ ଭାଗିରଥି ସେଠୀ

ମୋ ଦେଶ ଅଟଇ ସୁଜଳା ସୁଫଳା
ଭାରତ ତାହାର ନାଆଁ
ମୋ ଦେଶ ମାଟିରେ ସୁନା ଫଳିଥାଏ
ହସେ ମୋ ସହର ଗାଆଁ ।

ମୋ ଦେଶର ଯେତେ କଳକାରଖାନା
ମୋ ଦେଶ ଗୌରବ ସେହି
ମୋ ଦେଶର ନଦୀ ଗଙ୍ଗା ଗୋଦାବରୀ
କୁଳୁ କୁଳୁ ଯାଏ ବହି ।

ମୋ ଦେଶରେ ଅଛି ଗୀର୍ଜା ମସ୍‌ଜିଦ୍
ମନ୍ଦିର ବୌଦ୍ଧ ପୀଠ
ମୋ ଦେଶ ମଣିଷ ପଢେ ବାଇବେଲ୍
ଗୀତା କୋରାନ୍‌ର ପାଠ ।

ସର୍ବ ଧର୍ମର ସମନ୍ୱୟ ଏଠି
ଭେଦଭାବ କିଛି ନାହିଁ
ଏକଜୁଟ ହେଉ ଭାରତୀୟ ଆମେ
ଶତ୍ରୁର ସାମନା ପାଇଁ ।

ମୋ ଦେଶେ ଜନମ ହୋଇଛନ୍ତି କେତେ
ସାଧୁ ସନ୍ଥ ମହାବୀର
ଗାନ୍ଧୀ, ଗୋପବନ୍ଧୁ, ନେହେରୁ ଏ ଦେଶେ
ରଖିଲେ ଦେଶର ଶିର ।

ମୋ ଦେଶ ଚାଲିଛି ପ୍ରଗତିର ପଥେ
ହୋଇ ଆମେ ଅଗ୍ରଗତି
ମୋ ଦେଶ ଗୌରବ ବିଶ୍ୱେ ବିରାଜୁଛି
ଦେଖି ତା ଅହିଂସା ନୀତି ।

ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର
ଭୁବନେଶ୍ୱର